ରାଜଧାନୀରୁ ନିଖୋଜ୍ - ନିଆଳିରୁ ମୃତଦେହ ଉଦ୍ଧାର

ହତ୍ୟା ଅଭିଯୋଗରେ ଜାତୀୟ ରାଜପଥ ଅବରୋଧ କଲେ ବରମୁଣ୍ଡା ଗ୍ରାମବାସୀ

।।ପ୍ରଭାନ୍ୟୁଜ୍।। ଭୁବନେଶ୍ୱର, ୩୦।୭ : ରାଜଧାନୀରୁ ନିଖୋଜ ଯୁବକଙ୍କ

ମୃତଦେହ ଆଜି ନିଆଳିରୁ ଉଦ୍ଧାରହୋଇଛି। ପରିବାର ଆଣିଲେ ହତ୍ୟା ଅଭିଯୋଗ। ମୃତକ ଜଣଙ୍କ ହେଉଛନ୍ତି ବରମୁଣ୍ଡା ଗ୍ରାମର ନବଘନ ପାଙ୍ଗଶାଣୀ। ଆଜି ନିଆଳିରୁ ନବଘନଙ୍କ ମୃତଦେହ ଆସି ଭୁବନେଶ୍ୱରରେ ପହଞ୍ଚିବା ପରେ ବରମୁଣ୍ଡା ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ହତ୍ୟାକାରୀଙ୍କୁ ଗିରଫ ଦାବିରେ ରାଜଧାନୀ କଲେଜ ସମ୍ମୁଖରେ ରାଜପଥ ଅବରୋଧ କରିଛନ୍ତି। ପୁଲିସ ପହଞ୍ଚି ବୁଝାସୁଝା କରିବା ସହ ୫ ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରିବାର ପ୍ରତିଶ୍ରୁତି ପରେ ହଟିଥିଲା ଅବରୋଧ।

ସୂଚନା ଯୋଗ୍ୟଯେ, ଗତ ୧୯ ତାରିଖ ଦିନ ନବଘନ ପାଙ୍ଗଶାଣୀ ବରମୁଣ୍ଡାରୁ ନିଜ କାର ଧରି ବାହାରିଥିଲେ, କିନ୍ତୁ ଆଉ ଘରକୁ ରାତିରେ ଫେରିନଥିଲେ। ତାଙ୍କ ମୋବାଇଲ ବନ୍ଦ ରହିଥିଲା। ଫଳରେ ତାଙ୍କ ପରିବାର ଲୋକେ ସବୁଆଡେ ଖୋଜା ଖୋଜି କରିବା ପରେ ଏନେଇ ପ୍ରଥମେ ଖଣ୍ଡଗିରି ଥାନା ଓ ତାପରେ ଭରତପୁର ଥାନା ଯାଇ ନିଖୋଜ୍ ଅଭିଯୋଗ ଦେଇଥିଲେ। ଦିନକ ପରେ ତାଙ୍କ ଗାଡି ଆଉ ଜଣେ ଚଲାଉଥିବା ସ୍ଥାନୀୟ ଲୋକେ ଜାଣିବା ପରେ ଜାଗମରା ନୂଆଁ ରୋଡ୍, ସୌଭାଗ୍ୟନଗର ଅଞ୍ଚଳରୁ ଗାଡିକୁ ଜବତ କରି ଭରତପୁର ପୁଲିସକୁ ଜିମା ଦେଇଥିଲେ। ସେତେବେଳେ ଗାଡି ବନ୍ଧକ ରଖି ନବଘନ ୧୧ ଲକ୍ଷ ଟଙ୍କା ଧାର ନେଇଥିବା ପୁଲିସ ଜାଣିବାକୁ ପାଇଥିଲା। ଆଜି ନବଘନଙ୍କ ମୃତଦେହ ନିଆଳି ସ୍ଥିତ ଗୋବିନ୍ଦପୁର ଥାନା ଅଧିନ କନ୍ଦଳ ନଦୀର ହୁଡାଠାରୁ ମିଳିଥିଲା। ତାଙ୍କ ମୁଣ୍ଡ, ମୁହଁ ଓ ବେକରେ କୌଣସି ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିବା କ୍ଷତ ଚିହ୍ନ ରହିଛି। ପ୍ରବଳ ରକ୍ତସ୍ରାବ ମଧ୍ୟ ହୋଇଥିବା ଫୋଟରୁ ଜଣାପଡ଼ିଛି। ଏହି ଖବର କିଛି ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ସେତେବେଳେ, ଗୋବିନ୍ଦପୁର ପୁଲିସ ମୃତଦେହକୁ ଜବତ କରି ତଦନ୍ତ ଚଳାଇଥିଲେ ମଧ୍ୟ ନବଘନଙ୍କ ପରିଚୟ ନପାଇବାରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ନଦୀ ପଠାରେ ଗାତ

ଖୋଳି ପୋତି ଦେଇଥିଲା। ପରେ ସମସ୍ତ ଥାନାକୁ ନବଘନଙ୍କ ଫୋଟକୁ ପୁଲିସ ପଠାଇଥିଲା। ଏପଟେ ପରିବାର ଲୋକେ ବହୁ ଖୋଜା ଖୋଜି କରିବା ପରେ ପୁଲିସ ଠାରୁ ମୃତ ଫୋଟଟି ଦେଖି ସେହି ମୃତଦେହଟି ନବଘନଙ୍କର ବୋଲି ଜାଣିବାକୁ ପାଇଥିଲେ। ଆଙ୍ଗୁଠିରେ ପିନ୍ଧିଥିବା ଏକ ମୁଦି ଓ ହାତରେ ପନ୍ଧିଥିବା ଘଣ୍ଟାକୁ ଦେଖି ମୃତଦେହକୁ ଚିହ୍ନଟ କରିଥିଲେ। ତାଙ୍କୁ କେହି ବରମୁଣ୍ଡାରୁ ଅପହରଣ କରି ସେଠାକୁ ନେଇ ଅତି ନିର୍ମମ ଭାବେ ହତ୍ୟା କରିଥିବା ପରିବାର ଲୋକେ ଭରତପୁର ଥାନାରେ ଅଭିଯୋଗ ଆଣିଛନ୍ତି। ଏହାସହ ମଙ୍ଗଳବାର ସନ୍ଧ୍ୟା ୫ଟା ବେଳେ, ବରମୁଣ୍ଡା ଗ୍ରାମର ଶହ ଶହ ଲୋକ ବରମୁଣ୍ଡା ମୁଖ୍ୟ ରାସ୍ତାକୁ ନବଘନଙ୍କ ମୃତଦେହ ରଖି ଅବରୋଧ କରିଥିଲେ। ଏହି ସମୟରେ ପ୍ରାୟ ୨ ଘଣ୍ଟାକାଳ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ଠପ ହୋଇଯାଇଥିଲା। ଖବର ପାଇ ଖଣ୍ଡଗିରି ଥାନା ଅଧିକାରୀ, ଭରତପୁର ଥାନା ଅଧିକାରୀ, ଜୋନ୍ ଏସିପିଙ୍କ ସମେତ ବହୁ ପୁଲିସ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ବୁଝାସୁଝା କରିବା ସହ ୫ ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରିବାର ପ୍ରତିଶ୍ରୁତି ପରେ ରାସ୍ତାରୁ ଅବରୋଧ ହଟିଥିଲା। ଅନ୍ୟପଟେ ପୁଲିସ ନିଖୋଜ୍ ମାମଲାରୁ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଟଙ୍କା କାରବାରକୁ ନେଇ ତାଙ୍କୁ କେହି ହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। କାରଣ ପୂର୍ବରୁ ନବଘନଙ୍କୁ ଖଣ୍ଡଗିରି ଛକରେ ସକାଳୁ ସକାଳୁ ଚାହା ପିଇବା ବେଳେ, କିଛି ଦୁର୍ବୃତ୍ତ ପୂର୍ବଶତ୍ରୁତାକୁ ନେଇ ଖଣ୍ଡାରେ ହାଣି ମରଣାନ୍ତକ ଆକ୍ରମଣ କରିଥିଲେ। ସେ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ସୁସ୍ଥ ପରେ ପାଲଟା ଅଭିଯୋଗରେ ଭରତପୁର ଥାନା ପୁଲିସ ନବଘନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେ ଜେଲରୁ ଫେରି ଅଞ୍ଚଳରେ ଖଟି କରୁଥିବା ବେଳେ, ଏଭଳି ଦୁଃଖଦ ଖବର ଦେଖିବାକୁ ମିଳିଛି। ଅନ୍ୟପଟେ ଭରତପୁର ଥାନା ପୁଲିସ ଡ଼ିସିପି ପ୍ରତୀକ୍ ସିଂହଙ୍କ ନିର୍ଦ୍ଦେଶକ୍ରମେ, ନିଖୋଜ ଦିନ ନବଘନ କାହାସହ ଫୋନରେ କଥା ହୋଇଥିଲେ, ସେ କାହାସହ ଘରୁ ଯାଇଥିଲେ, ତାଙ୍କୁ କିଏ ଅପହରଣ କରିଥିଲା ନାଁ ସେ ନିଜେ କୁଆଡେ ଯାଇଥିଲେ, ତାଙ୍କ ଗାଡିକୁ କିଏ ବନ୍ଧକ ରଖିଥିଲେ ଏଭଳି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି ପୁଲିସ।

ରେଳ ନିରାପତ୍ତା ବାଡ଼ ପାଇଁ ୨୭୫ କୋଟି ମଞ୍ଜୁର

।। ପ୍ରଭାନ୍ୟୁଜ।। ଭୁବନେଶ୍ୱର, ୩୦।୭: ରେଳ ନିରାପତ୍ତାକୁ ସୁଦୃଢ଼ କରିବା ଏବଂ ଟ୍ରେନର ଗତି ବୃଦ୍ଧି କରାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ ରେଳ ମଣ୍ଡଳର ଭଦ୍ରକ-ପଲାସା ଏବଂ ଖୋର୍ଦ୍ଧା ରୋଡ-ପୁରୀ ରେଳ ସେକ୍ସନରେ ଟ୍ରାକ ନିରାପତ୍ତା ଜନିତ ରେଳ ଧାରଣା କଡରେ ବାଡ ଦେବା ପାଇଁ ରେଳ ମନ୍ତ୍ରଣାଳୟ ୨୭୫.୦୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଯାହାଦ୍ୱାରା ଏହି ମାର୍ଗରେ ୧୩୦ କିଲୋମିଟର ଏବଂ ତା'ଠାରୁ ଅଧିକ ବେଗରେ ଟ୍ରେନର ନିରାପଦ ଚଳାଚଳ କାର୍ଯ୍ୟକୁ ସହଜ କରିବାକୁ ଏହି ପ୍ରକଳ୍ପ ଲକ୍ଷ୍ୟ ରଖିଛି। ଏହି ବାଡ଼ଦେବା କାର୍ଯ୍ୟକୁ ସୁନିଶ୍ଚିତ କରିବା ଏବଂ ଯେକୌଣସି ବ୍ୟାଘାତକୁ ଏଡାଇବା ପାଇଁ ରେଳ ମନ୍ତ୍ରଣାଳୟ ଟ୍ରାକ ନିକଟରେ ନିଜ ସୀମା ମଧ୍ୟରେ ପ୍ରାଚୀର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି। ବର୍ତ୍ତମାନର ଯୋଜନାରେ ରେଳ ଜମିର ସୀମାନ୍ତରେ ଫେନସିଂ ନିର୍ମାଣ ଅନ୍ତର୍ଭୁକ୍ତ, ପ୍ରକୃତ ଦୂରତା ସହିତ ଜୋନାଲ ରେଳ କର୍ତ୍ତୃପକ୍ଷର ସ୍ଥାନିତ ସ୍ଥିତି, ରକ୍ଷଣାବେକ୍ଷଣ ଆବଶ୍ୟକତା, ମଲ୍ଟି ଟ୍ରାକିଂ କାର୍ଯ୍ୟ, ଅପରାଧର ସ୍ତର ଏବଂ ପ୍ରସ୍ତାବିତ ବାଡ଼ର ସାମଗ୍ରିକ କାର୍ଯ୍ୟକାରିତା ଉପରେ ନିର୍ଭର କରିବ। ଏହି ପଦକ୍ଷେପଟି "ଲେଭଲ୍ କ୍ରସିଂ, ଫ୍ଲାଏଓଭର, ଉପାମାର୍ଗ, ବ୍ରିଜ୍ ଏବଂ ପ୍ରବେଶ ନିୟନ୍ତ୍ରଣ ଆବଶ୍ୟକ କରୁଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହିତ ଟ୍ରାକ୍ ପ୍ରବେଶକୁ ସିଲ୍ କରିବାକୁ ଲକ୍ଷ୍ୟ ରଖିଛି। ଏହା ବ୍ୟତୀତ, ରେଳ ଟ୍ରାକ୍ ନିକଟରେ ଚରୁଥିବା ଗୃହପାଳିତ ପଶୁ ରେଳ ଲାଇନରେ ପ୍ରବେଶ କରିପାରିବେ ନାହିଁ। ନିକଟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ ସୂଚନା ଦେଇ କହିଛନ୍ତି ଯେ ୧୧୦ କିଲୋମିଟରରୁ ୧୩୦ କିଲୋମିଟର ବେଗରେ ବନ୍ଦେ ଭାରତ ଟ୍ରେନ୍ ଚଳାଚଳକୁ ସୁଗମ କରିବା ପାଇଁ ଅଣସୁରକ୍ଷିତ ସ୍ଥାନରେ ସୁରକ୍ଷା ବାଡ କୌଶଳ ପ୍ରୟୋଗ କରାଯିବ। ୧୩୦ କିଲୋମିଟରରୁ ଅଧିକ ବେଗ ପାଇଁ, ସମଗ୍ର ଟ୍ରାକ ଦୈର୍ଘ୍ୟରେ ନିରନ୍ତର ନିରାପତ୍ତା ଜନିତ ବାଡ଼ ଦେବା କାର୍ଯ୍ୟ ଅଥବା ଫେନସିଂ ସ୍ଥାପନ କରାଯିବ। ରେଳ ମନ୍ତ୍ରଣାଳୟ ଭାରତରେ ଦ୍ରୁତ ଗତିରେ ଟ୍ରେନ୍ ଯାତ୍ରା ଉପଲବ୍ଧ କରାଇବାର ଚାହିଦା ପୂରଣ କରିବା ପାଇଁ ରେଳ ନିରାପତ୍ତା ଏବଂ ଭିତିଭୂମି ଅଗ୍ରଗତି କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ନିରାପତ୍ତା ଫେନସିଂ ବା ବାଡ଼ ଦେବା ପ୍ରକଳ୍ପ ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ସୁନିଶ୍ଚିତ କରିବା ସହିତ ଦେଶ ପାଇଁ ଏକ ନିରାପଦ ଏବଂ ଅଧିକ ଦକ୍ଷ ରେଳ ନେଟୱାର୍କ ସୁନିଶ୍ଚିତ କରିବା।

ବାକି ଟଙ୍କା ମାଗିବାରୁ ଯୁବକଙ୍କୁ ଆକ୍ରମଣ ; ଅଭିଯୁକ୍ତ ଗିରଫ

।। ପ୍ରଭାନ୍ୟୁଜ୍।। ଭୁବନେଶ୍ୱର, ୩୦।୭ : ଦୋକାନର ବାକି ଟଙ୍କା ମାଗିବାରୁ ଯୁବକଙ୍କୁ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ ସହ ହତ୍ୟା ଧମକ। ଏଭଳି ଘଟଣାକୁ ନେଇ ତମାଣ୍ଡୋ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା, ତମାଣ୍ଡୋ ବିଜିପୁରର ଲିପୁ ସ୍ୱାଇଁ। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଯୋଗ୍ୟଯେ, ଅଭିଯୋଗକାରିଣୀ ରେଖା ବେହେରାଙ୍କ ପୁଅ ସିଦ୍ଧେଶ୍ୱର ବେହେରାଙ୍କ ତମାଣ୍ଡୋ ଗ୍ରାମରେ ଏକ ଇଲେକ୍ଟ୍ରିକାଲ୍ ଦୋକାନ ରହିଛି। ଏହି ସମୟରେ ଅଭିଯୁକ୍ତ ଲିପୁ ତାଙ୍କ ଦୋକାନରୁ କିଛି ଇଲେକ୍ଟ୍ରିକାଲ ସାମଗ୍ରୀ



ବାକିରେ ନେଇଥିଲେ। ଗତ ମଇ ମାସ ୨୦ ତାରିଖରେ ଅଭିଯୋଗକାରିଣୀଙ୍କ ପୁଅ ତାକୁ ବକେୟା ଟଙ୍କା ମାଗିଥିଲେ। ଏହି ସମୟରେ ବକେୟା ଟଙ୍କା ଦେବା ବଦଳରେ ଓଲୋଟି ଭାଷା ଅଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ପରିବାରକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲା ଅଭିଯୁକ୍ତ। ଏହି ସମୟରେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଏହାର ବିରୋଧ କରିବାରୁ ଅଭିଯୁକ୍ତ ଏକ କାଠ ଫାଳିଆ ସାହାର୍ଯ୍ୟରେ ଆକ୍ରମଣ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ଏନେଇ ତମାଣ୍ଡୋ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରିଛି।

ଅବକାରୀ ଚଢ଼ାଉ; ୧୧ ଗିରଫ

।। ପ୍ରଭାନ୍ୟୁଜ୍।। ଭୁବନେଶ୍ୱର, ୩୦।୭ : ଆଜି ସକାଳୁ ଭୁବନେଶ୍ୱର ଅବକାରୀ ପୁଲିସର ୪ଟି ଟିମ ରାଜଧାନୀର ବିଭିନ୍ନ ବସ୍ତିରେ ଚଢ଼ାଉ କରି ୧୧ ଜଣ ମହିଳା ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୪୪୯ ଲିଟର ଦେଶୀମଦ, ୨୫୦୫

ଲିଟର ପୋଚ ଜବତ କରାଯାଇଛି। ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଯୋଗ୍ୟଯେ, ମଙ୍ଗଳବାର ଦିନ ସକାଳୁ ଭୁବନେଶ୍ୱର ଅବକାରୀ ଥାନା-୧ ଓ ୨ର ୪ଟି ଟିମ ସାଲିଆସାହିର ବିଭିନ୍ନ ବସ୍ତିରେ ଥିବା ଇଡ଼କୋ ବସ୍ତି, ନୟାଗଡ଼ ବସ୍ତି, ନୀଳଚକ୍ର ନଗର, ପାହାଳ ଅଞ୍ଚଳ, ବଡ଼ଗଡ଼ କେନାଲ ରୋଡରେ ଚଢ଼ାଉ କରାଯାଇଥିଲା। ୧୪ଟି ମାମଲାରେ ଟିମ ୧୧ ଜଣ ମହିଳା ବେପାରୀଙ୍କୁ ଗିରଫ କରିବା ସହ, ସେମାନଙ୍କ ନିକଟରୁ ୪୪୯ ଲିଟର ଦେଶୀମଦ ଓ ୨୫୦୫ ଲିଟର ପୋଚ ଏବଂ ମଦ ତିଆରି ସାମଗ୍ରୀକୁ ଜବତ କରାଯାଇଛି।

ଜେଏସପିର କାସିଆ ଓ ଟେନ୍ସା ଖଣିକୁ ସମ୍ମାନଜନକ ଖଣି ନିରାପତ୍ତା ପୁରସ୍କାର-୨୦୨୪

।। ପ୍ରଭାନ୍ୟୁଜ।। ନୂଆଦିଲ୍ଲୀ/ଭୁବନେଶ୍ୱର, ୩୦।୭: ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)କୁ ଓଡ଼ିଶାରେ ଥିବା ତାର ଖଣି ଗୁଡ଼ିକରେ ନିରାପତ୍ତା ବ୍ୟବସ୍ଥା ନିମନ୍ତେ ଖଣି ନିରାପତ୍ତା ମହାନିର୍ଦ୍ଦେଶକଙ୍କ ପକ୍ଷରୁ ସର୍ବଭାରତୀୟ ଖଣି ନିରାପତ୍ତା ପୁରସ୍କାର କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ବଡ଼ ଓପନ୍ କାଷ୍ଟ ମେଟାଲ ଖଣି ବର୍ଗରେ ଜେଏସପିର କାସିଆ ଲୁହାପଥର ଖଣି ଦ୍ୱିତୀୟ ଶ୍ରେଷ୍ଠ ପୁରସ୍କାର ହାସଲ କରିଥିବା ବେଳେ, ମଧ୍ୟମ ଓପନ୍ କାଷ୍ଟ ମେଟାଲ ଖଣି ବର୍ଗରେ ଟେନ୍ସା ଲୁହାପଥର ଖଣି ଦ୍ୱିତୀୟ ପୁରସ୍କାର ହାସଲ କରିଛି। ସୂଚନାଯୋଗ୍ୟ, ଯୋଡ଼ା ଓ କୋଇଡା ଖଣି ଅଞ୍ଚଳରେ କେବଳ ଜେଏସପିକୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

ସାଂସଦ ତଥା ଜେଏସପି ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି ଯେ, ଜେଏସପି ପାଇଁ ସୁରକ୍ଷା ହିଁ ପ୍ରଥମ। ଖଣି ନିରାପତ୍ତା ପୁରସ୍କାର ୨୦୨୪ ପାଇବା ଏକ ବଡ଼ ସମ୍ମାନ। ଏହି ପୁରସ୍କାର ଦ୍ୱୟ କାସିଆ ଏବଂ ଟେନସା ଖଣିରେ ନିରାପତ୍ତା ଉତ୍କର୍ଷତା ହାସଲ କରିବା ଏବଂ ସୁରକ୍ଷିତ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ଆମ କାର୍ଯ୍ୟରେ ସର୍ବୋଚ୍ଚ ନିରାପତ୍ତା ମାନ ବଜାୟ ରଖିବା ପାଇଁ ଆମେ ସର୍ବୋତ୍ତମ ଅଭ୍ୟାସ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ଗ୍ରହଣ କରିବାକୁ ପ୍ରତିଶ୍ରୁତିବଦ୍ଧ। ଖଣି ନିରାପତ୍ତା ମହାନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ଅଗ୍ରଣୀ ଜାତୀୟ ସ୍ତରର କାର୍ଯ୍ୟକ୍ରମ ଖଣି ସୁରକ୍ଷା ପୁରସ୍କାର - ୨୦୨୪ର ଉଦ୍ଦେଶ୍ୟ

ହେଉଛି ସମଗ୍ର ଭାରତରେ କୋଇଲା, ଧାତୁ ଏବଂ ତୈଳ ଓ ଗ୍ୟାସ ଖଣି କାର୍ଯ୍ୟରେ ସର୍ବୋତ୍ତମ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ନିରାପତ୍ତା ବୃଦ୍ଧି କରିବା। ଜୁଲାଇ ୨୦୨୪ରେ ଅଲ୍ ଇଣ୍ଡିଆ ମାଇନ୍ସ ସେଫ୍ଟି ଆସୋସିଏସନ) ପକ୍ଷରୁ ଏହି ପୁରସ୍କାର ପାଇଁ ମୂଲ୍ୟାୟନ କରାଯାଇଥିଲା। ବିଭିନ୍ନ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବା, ନିୟମିତ ସୁରକ୍ଷା ସମୀକ୍ଷା, କର୍ମଚାରୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ, ଅତ୍ୟାଧୁନିକ ନିରାପତ୍ତା ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଦ୍ୱାରା ଜେଏସପି ଅବିରତ ଭାବେ ଖଣି ନିରାପତ୍ତା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିଆସିଛି। ଏହା ସହିତ କୌଣସି ଅପ୍ରତ୍ୟାଶିତ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ କମ୍ପାନି ଏକ ସୁଦୃଢ଼ ଆପତ୍ତକାଳୀନ ମୁକାବିଲା ବ୍ୟବସ୍ଥା (ଏମରଜେନ୍ସି ରେସପନ୍ସ ସିଷ୍ଟମ) ପ୍ରସ୍ତୁତ ରଖିଛି।

ଜିଲ୍ଲାସ୍ତରୀୟ ପ୍ରେରଣା ଉତ୍ସବ

।। ପ୍ରଭାନ୍ୟୁଜ ।। କଟକ, ୩୦/୭: ଜିଲ୍ଲାସ୍ତରୀୟ ପ୍ରେରଣା ଉତ୍ସବ ମୁଣ୍ଡଳିସ୍ଥିତ ନବୋଦୟ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅକ୍ଷୟ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବର୍ତ୍ତମାନର ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦେବକୁମାର ତ୍ରିପାଠୀ ଓ ଓଡିଆ ଚଳଚ୍ଚିତ୍ରର ହାସ୍ୟ ଅଭିନେତା ଶଙ୍କର୍ଷଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ରାମରାଜ୍ ସିଂହ ଓ ଉପାଧକ୍ଷ ଦିଲିପ ବେହେରା ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ପ୍ରବନ୍ଧ, କବିତା, ଚିତ୍ରାଙ୍କନ, ସଂଗୀତ, ଗଳ୍ପ ରଚନା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଟକ ଜିଲ୍ଲାର ୧୫ ଗୋଟି ବ୍ଲକରୁ ୧୪୫ ଜଣ ପ୍ରତିଯୋଗୀ ସେମାନଙ୍କର ଶିକ୍ଷକମାନଙ୍କ ସହ ଆସି ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୫ ଜଣ ବାଳକ ଓ ୧୫ ଜଣ ବାଳିକାଙ୍କୁ ଚୟନ କରାଯାଇ ରାଜ୍ୟସ୍ତରକୁ ପ୍ରେରଣ କରାଯାଇଥିଲା। ଶିକ୍ଷୟିତ୍ରୀ ରାଜଶ୍ରୀ ପାଣିଗ୍ରାହୀ ମଞ୍ଚପରିଚାଳନା କରିଥିବା ବେଳେ ଡ. ପ୍ରଦୀପ କୁମାର ଦୋରା, ମହେଶ ବାଡତିଆ, ସତୀଶ ମିଶ୍ର, ବୀଣାରଶ୍ମି ଖାଲକୋ, ସୁନୀଲ ଗୁପ୍ତା ଓ ଅନ୍ୟ ଶିକ୍ଷକ ଶିକ୍ଷିକା କାର୍ଯ୍ୟକ୍ରମକୁ ସୂଚାରୁ ରୁପେ ସମ୍ପାଦନ କରିଥିଲେ। ସର୍ବଶ୍ରେଷ୍ଠ ଦୁଇଜଣ ପ୍ରତିଯୋଗୀ ଗୁଜରାଟର ବଡନଗର ଠାରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମସ୍ଥାନ ଭ୍ରମଣ ସହ ସାଂସ୍କୃତିକ ଭାବ ବିନିମୟ ପାଇଁ ୭ ଦିନ ପରିଭ୍ରମଣରେ ସେମାନେ ସୁଯୋଗ ପାଇବେ ବୋଲି ଆୟୋଜକ ପ୍ରକାଶ କରିଛନ୍ତି।

କନିଷ୍ଠ ଯନ୍ତ୍ରୀଙ୍କୁ ଦୁର୍ବ୍ୟହାର

ବ୍ଲକ୍ ଯନ୍ତ୍ରୀମାନଙ୍କ ସାମୂହିକ କଲମଛାଡ ଆନ୍ଦୋଳନ

।। ପ୍ରଭାନ୍ୟୁଜ।। ସାଲେପୁର,୩୦।୭: ଜଣେ ମହିଳା ସରପଞ୍ଚ ଜନୈକ କନିଷ୍ଠ ଯନ୍ତ୍ରୀଙ୍କୁ ଗାଳିଗୁଲଜ କରିବା ସହ ଚପଲରେ ମାରିବା ନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ ଏହାର ପ୍ରତିବାଦରେ ଆଜି ସାଲେପୁର ବ୍ଲକ୍‌ର ସମସ୍ତ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ସାମୂହିକ କଲମ ଛାଡ ଆନ୍ଦୋଳନ କରିଥିବାରୁ ସାଲେପୁର ବ୍ଲକ୍‌ରେ ସରକାରଙ୍କ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଥିବା ଜଣାଯାଇଛି। ପ୍ରକାଶ ଯେ ଗତ କାଲି ଅପରାହ୍ନରେ ପ୍ରାୟ ୫ଟା ସମୟରେ ତେନ୍ତୋଳ ସରପଞ୍ଚ ଅନିତା ମଲ୍ଲିକ ସାଲେପୁର ବ୍ଲକ୍ ପରିସରରେ ପହଞ୍ଚି ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉଳଙ୍କୁ ଅଶାଳୀନ ବ୍ୟବହାର କରିବା ସହ ଗାଳିଗୁଲଜ କରିବା ଓ ଚପଲ ଉଠାଇ ମାରିଥିଲେ। ଏହାନେଇ କନିଷ୍ଠ ଯନ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିବା ସହ ଏହାର ପ୍ରତିବାଦରେ ଶାନ୍ତିପୂର୍ଣ୍ଣ ଭାବେ ସାଲେପୁର ବ୍ଲକ୍‌ର ସମସ୍ତ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ସାମୂହିକ ଭାବେ କଲମଛାଡ ଆନ୍ଦୋଳନ କରିବା ନିମନ୍ତେ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବା ସହ କଲମ ଛାଡ ଆନ୍ଦୋଳନ କରିଛନ୍ତି। ଫଳରେ ସାଲେପୁର ବ୍ଲକ୍‌ର ପ୍ରାୟ ୩୫ଟି ପଞ୍ଚାୟତର ବିଭିନ୍ନ ସରକାରୀ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ଅପର ପକ୍ଷରେ ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉଳ ତେନ୍ତୋଳ ପଞ୍ଚାୟତର ମହିଳା ସରପଞ୍ଚ ଅନିତା ମଲ୍ଲିକ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ହଠାତ୍ କନିଷ୍ଠ ଯନ୍ତ୍ରୀ ଉତକ୍ଷିପ୍ତ ହୋଇ ତାଙ୍କୁ ଜାତିଆଣା ଆକ୍ଷେପ କରିବା ସହ ତାଙ୍କର ସୁନା ଚେନ୍ ଛଡାଇ ନେଇଯାଇଥିବା ନେଇ ମହିଳା ସରପଞ୍ଚ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ସାଲେପୁର ପୁଲିସ ୨ଟି ଯାକ ଅଭିଯୋଗ ଗ୍ରହଣ କରି ଘଟଣାର ତଦନ୍ତ ଚଳାଇଥିଲେ ମଧ୍ୟ ଅଦ୍ୟାବଧି ଏହି ଘଟଣାକୁ ନେଇ କୌଣସି ମାମଲା ରୁଜୁ ହୋଇନଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି। ଏହି ଘଟଣାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ଅପର ପକ୍ଷରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ଯେ ଉଭୟ ପକ୍ଷ ମଧ୍ୟରେ ଆପୋଷ ସମାଧାନ ହେବାପାଇଁ କଥାବାର୍ତ୍ତା ଚାଲିଥିବା କୁହାଯାଉଛି।

ମାଆ ହେଲା ମୌସୁମୀ

।। ପ୍ରଭାନ୍ୟୁଜ।। ବାରଙ୍ଗ, ୩୦।୭: ନନ୍ଦନକାନନର ଧଳା ବାଘୁଣୀ ମୌସୁମୀ ରାତି ୮.୫୧

ରେ ଏକ ଛୁଆ ଜନ୍ମ ଦେଇଛି। ଛୁଆଟି ମା'ର ଯତ୍ନ ନେଉଛି। ଉଭୟ ମା ଏବଂ ଛୁଆ ନିରନ୍ତର ସିସିଟିଭି ନଜରରେ ଅଛନ୍ତି। ଭବିଷ୍ୟତରେ ଶାରୀରିକ ପରୀକ୍ଷା ପରେ ଛୁଆର ଲିଙ୍ଗ ନିର୍ଣ୍ଣୟ କରାଯାଇପାରିବ। ଧଳା ବାଘୁଣୀ ମୌସୁମୀକୁ ଏବେ ୮ ବର୍ଷ ହୋଇଛି। ୨୦୧୬ ରେ ନନ୍ଦନକାନନରେ ବାଘ ମନୀଷ ଏବଂ ବାଘୁଣୀ ସ୍ନେହାର ମିଳନ ଫଳରେ ଜନ୍ମ ହୋଇଥିଲା ମୌସୁମୀ। ମୌସୁମୀ ଆଗରୁ ଅନେକ ବାଘଙ୍କ ସହ ମିଳନ ହୋଇଥିଲେ ମଧ୍ୟ ସେ ମାଆ ହୋଇ ପାରିନଥିଲା। ଶେଷରେ ବାଘ ରାଜେଶ ସହ ମିଳନ ଫଳରେ ସେ ମାଆ ହେବାର ସୌଭାଗ୍ୟ ଲାଭ କରିଛି।

IN THE COURT OF THE VI JUNIOR CIVIL JUDGE: CITY CIVIL COURT AT: HYDERABAD, Telangana State
O.S. No.444 of 2024

Between:-
Union Bank of India [A Govt. of India undertaking] [Formerly] Andhra Bank, Credit Card Division, Koti, Hyderabad, rep.by its Sr.Manager(Law)&Authorized Officer, ...Plaintiff
AND
Sri.Suresh Das ...Defendant
To
Sri.Suresh Das, S/o.Harekrushna Das, Aged about 54 years, Occ: Business, R/o.At Katapali, District Bargarh, Attabira, Odisha State-768038.

Take Notice that the above mentioned Suit is filed against you for recovery of a sum of Rs. 1,27,256-17ps_t_owards utilization of Credit card. The above mentioned Suit is posted for your appearance on 19-08-2024.In case of your failure to attend before the Court on 19-08-2024 at 10-30 A.M. either in person or through a Counsel the matter will be decided in your absence by setting you exparte.

(BY ORDER OF THE COURT)
T.Bhagya Raju & Associate, Advocates, Counsel for the Plaintiff, Flat No.402, Nirmal Ratna Aprts,Opp: R.S.Brothers, Chandanagar, Gangaram Village, HYDERABAD-50.

IN THE COURT OF THE VI JUNIOR CIVIL JUDGE: CITY CIVIL COURT AT: HYDERABAD, Telangana State
O.S. No.85 of 2024

Between:-
Union Bank of India [A Govt. of India undertaking] [Formerly] Andhra Bank, Credit Card Division, Koti, Hyderabad, rep.by its Sr.Manager(Law)&Authorized Officer, ...Plaintiff
AND
SK. Jan Mahammad Quadri ...Defendant
To
SK. Jan Mahammad Quadri, S/o.Shekh Kala, Aged about 25 Years, Occ: Business, R/o.at Chhadak Mohalla adam Patti, P.O: Puruna Bazar,Bhadrak Rural, Bhadrak, Orissa-756100

Take Notice that the above mentioned Suit is filed against you for recovery of a sum of Rs1,28,301-38ps_to wards utilization of Credit card. The above mentioned Suit is posted for your appearance on 19-08-2024.

In case of your failure to attend before the Court on 19-08-2024 at 10-30 A.M. either in person or through a Counsel the matter will be decided in your absence by setting you exparte.

(BY ORDER OF THE COURT)
T.Bhagya Raju & Associate, Advocates, Counsel for the Plaintiff, Flat No.402, Nirmal Ratna Aprts,Opp: R.S.Brothers, Chandanagar, Gangaram Village, HYDERABAD-50.

ଚୋରା ବିଦ୍ୟୁତ ସାମଗ୍ରୀ ଜବତ; ୨ ଗିରଫ

।। ପ୍ରଭାନ୍ୟୁଜ।। ଟାଙ୍ଗୀ-ଚୌଦ୍ୱାର, ୩୦/୭: କଟକ ଜିଲ୍ଲା ଚୌଦ୍ୱାର ଥାନା ଅନ୍ତର୍ଗତ ୧୭ ନମ୍ବର ୱାର୍ଡ ନୂଆସାହିରେ ବେଆଇନ୍ ଭାବେ ବିଦ୍ୟୁତ୍ ସାମଗ୍ରୀ ଚୋରି ଘଟଣାରେ ପୁଲିସ୍ ୨ ଜଣଙ୍କୁ ଗିରଫ୍ କରିବା ସହ ପ୍ରାୟ ୧୩୦

କେଜି ବିଦ୍ୟୁତ୍ ସାମଗ୍ରୀ ୮୨ ବଣ୍ଡଲ କେବୁଲ ଏବଂ ଟାଟା ଏସି ଗାଡ଼ିକୁ ଜବତ କରିଥିବା ଜଣାପଡ଼ିଛି। ସୂଚନାଥାଉକି କପାଳେଶ୍ୱର ନୂଆସାହିରେ ବେଆଇନ୍ ଭାବେ ବିଦ୍ୟୁତ ସାମଗ୍ରୀ ଚୋରା ଚାଲାଣ ହେଉଥିବା ନେଇ ବିଶେଷସୂତ୍ରରୁ ଖବର ପାଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କ ନିର୍ଦ୍ଦେଶକ୍ରମେ ଏକ ପୁଲିସ୍ ଟିମ୍ ଘଟଣା ସ୍ଥଳରେ ଚଢ଼ାଉ କରି ସମସ୍ତ ସାମଗ୍ରୀ ସହ ନୂଆସାହିର ଗଣେଶ୍ୱର ଜେନା ଏବଂ କଟକ କିଶନନଗର ଥାନା ଅଂଚଳର ପଞ୍ଚାନନ ଦଳେଇ ଓରଫ୍ ବାପିକୁ ଗିରଫ୍ କରିଛି। ଅଭିଯୁକ୍ତ ଗଣେଶ୍ୱରକୁ କେସ ନଂ.୩୯୩ ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ବୃଦ୍ଧି

କଂଗ୍ରେସ ପକ୍ଷରୁ ବିକ୍ଷୋଭ

।। ପ୍ରଭାନ୍ୟୁଜ।। କଟକ, ୩୦।୭: ଆଳୁ, ପିଆଜ ସମେତ ପନିପରିବା ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଅହେତୁକ ମୂଲ୍ୟ

ବୃଦ୍ଧି ବିରୋଧରେ ମଙ୍ଗଳବାର କଂଗ୍ରେସ ପକ୍ଷରୁ ବିଧାୟିକା ସୋଫିଆ ଫିର୍ଦୋସଙ୍କ ଆହ୍ୱାନ କ୍ରମେ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦରଦାମ ନିୟନ୍ତ୍ରଣ ପାଇଁ ସରକାର ସ୍ଥାୟୀ ଭାବେ ପଦକ୍ଷେପ ଗ୍ରହଣ କରିବା ସହିତ ଚଳିତ ବର୍ଷର ଖରିଫ ଚାଷରେ ହିଁ ଆଳୁ, ପନିପରିବା ଓ ଡାଲି, ତୈଳବୀଜ ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ପର୍ଯ୍ୟାପ୍ତ ଆର୍ଥିକ ସହାୟତା କରିବା ସହ ଜଳସେଚନ ଏବଂ ଶୀତଳଭଣ୍ଡାର ନିର୍ମାଣର ଲକ୍ଷ୍ୟ ସାଧନ ନିମନ୍ତେ ସରକାର ଜରୁରୀ ପଦକ୍ଷେପ ନେବା ଆବଶ୍ୟକ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା। ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତ୍ରୀ ଶୈଳବାଳା ଜେନା, ଅନିତା ନାୟକ, ସୂର୍ଯ୍ୟକାନ୍ତ ରାଉତ, ଅନିଲ ବେଉରା, କେଦାର ପୃଷ୍ଟି, କର୍ପୋରେଟର ସନ୍ତୋଷ ଭୋଳ, ଶୁଭାଶିଷ ପଟ୍ଟନାୟକ, ଲିଜା ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ, ଭାନୁ ସେନାପତି, କଂଗ୍ରେସ ନେତା ଚନ୍ଦନ ଦାସ, ବିକି ଚକ୍ରବର୍ତ୍ତୀ, ସ୍ମୃତି ରାଉତ, ଅଜିତ ବେହେରା, ରଶ୍ମିରଂଜନ ମିଶ୍ର, ସେକ ବାବାଜାନୀ, ସୟଦ ଏକ୍ରାମୁଲ ହକ୍, ସେକ ଗୁଲାମଉଦ୍ଦିନ, ଅବଦୁଲ ବାସିଦ, ଅଜିଜ ଖାନ ଓ ମୁକେଶ ସୋନି ପ୍ରମୁଖ ସାମିଲ ଥିଲେ।

କାଉନସିଲରଙ୍କ ପିତୃ ବିୟୋଗ

।। ପ୍ରଭାନ୍ୟୁଜ।। ବାଙ୍କୀ,୩୦/୭: ସମାଜସେବୀ ତଥା ବାଙ୍କୀ ଏନ୍ଏସି ୯ନମ୍ବର ୱାର୍ଡ କାଉନସିଲର ସଂଜୟ କୁମାର ପୃଷ୍ଟିଙ୍କ ପିତା ରାମଚନ୍ଦ୍ର ପୃଷ୍ଟିଙ୍କ (୭୯)ର

ମଙ୍ଗଳବାର ବିୟୋଗ ଘଟିଛି। ସେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧିନ ଥିଲେ। ତାଙ୍କର ମରଶରୀରକୁ କଲେଜ ରୋଡସ୍ଥିତ ବାସଭବନରୁ ଶୋଭାଯାତ୍ରାରେ ଅଣାଯାଇ ଜନ୍ମସ୍ଥାନ ଚର୍ଚ୍ଚିକା ଗ୍ରାମ ଓ ବାଙ୍କୀ ସହର ପରିକ୍ରମା କରାଯିବା ସହିତ ଚର୍ଚ୍ଚିକା ଶ୍ମଶାନରେ ଶବସତ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ଧିରେନ୍ ପୃଷ୍ଟି ମୁଖାଗ୍ନି ପ୍ରଦାନ କରିଥିଲେ। ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ସରକାରୀ ଓକିଲ ପ୍ରଦୀପ ପୃଷ୍ଟିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

MCL
ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଉଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5215

MANAPPURAM HOME FINANCE PVT. LTD.
ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍
ପୂର୍ବତନ ମନପୁରମ୍ ହୋମ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍
ସିଆଇଏନ୍ : ୟୁ୬୫୯୨୩କେଏଲ୨୦୧୦ପିଏଲସି୦୩୯୧୭୯

Unit 301-315, 3rd Floor, A Wing, Kanakia Wall Street, Andheri-Kurla Road, Andheri East, Mumbai- 400093, Contact No: 022-68194000/022- 68211000.

ଡିମାଣ୍ଡ ନୋଟିସ

ଯେତେବେଳେ କି ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡର ପ୍ରାଧିକୃତ ଅଧିକାରୀ, ଆମର ପଞ୍ଜୀକୃତ କାର୍ଯ୍ୟାଳୟ ଆଇଭି/୪୭୦ଏ (ପୁରୁଣା) ଡବ୍ଲ୍ୟୁ / ୬୩୮ଏ (ନୂତନ), ମନପୁରମ୍ ହାଉସ୍, ଭାଲାପଦ, ଥ୍ରିସୁର, କେରଳ -୬୮୦୫୬୭ ଏବଂ ଭାରତର ବିଭିନ୍ନ ସ୍ଥାନରେ ଶାଖା (ବର୍ତ୍ତମାନଠାରୁ ଏଠାରେ ଉଲ୍ଲେଖ କରାଯାଉଛି 'MAHOFIN') ହେଉଛି କମ୍ପାନୀ ଅଧିନିୟମ, ୧୯୫୬ ଅନୁଯାୟୀ ପଞ୍ଜୀକୃତ ହୋଇଥିବା ଏକ କମ୍ପାନୀ ଏବଂ ଏକ ଆର୍ଥିକ ପ୍ରତିଷ୍ଠାନ ଯାହାର ମାନେ ଆର୍ଥିକ ସମ୍ପତ୍ତି ଏବଂ ସୁରକ୍ଷା ସୁଧ ଅଧିନିୟମ ପ୍ରବର୍ତନ ୨୦୦୨ର ସିକ୍ୟୁରିଟିଜେସନ୍ ଏବଂ ପୁନ ନିର୍ମାଣର ଧାରା ୨ ର ଉପ-ଧାରା (୧) ର ଖଣ୍ଡ (ଏମ୍)ର ଉପ-ଖଣ୍ଡ (ଆଇଭି) (ବର୍ତ୍ତମାନଠାରୁ ଅଧିନିୟମ ଭାବେ ପରିଚିତ) ବିଜ୍ଞପ୍ତି ନମ୍ବର ଏସ.ଓ. ୩୪୬୬ (ଇ) ତାରିଖ ୧୮ ଡିସେମ୍ବର, ୨୦୧୫ ରେ ଅର୍ଥ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ଭାରତ ସରକାର, ନୂଆଦିଲ୍ଲୀଙ୍କ ଦ୍ୱାରା ଜାରି ହୋଇଥିବା, ଅନ୍ୟ ଅର୍ଥରେ ଯେହେତୁ ଋଣଗ୍ରହିତା/ସହ-ଋଣଗ୍ରହିତା ବ୍ୟବସାୟ ନିମନ୍ତେ ନିର୍ମାଣ ଏବଂ / କିମ୍ବା ଆବାସିକ ୟୁନିଟ୍ କ୍ରୟ ପାଇଁ MAHOFIN ରୁ ଅଗ୍ରୀମ ଋଣ କରିଥିବାବେଳେ ସେମାନଙ୍କ ନାମ ନିମ୍ନ ଚାର୍ଟ ସ୍ତମ୍ଭ ନମ୍ବର ୨ ରେ ଉଲ୍ଲେଖ ରହିଛି ଏବଂ ଯେହେତୁ MAHOFIN SARFAESI ଅଧିନିୟମ ଅନୁଯାୟୀ ସୁରକ୍ଷିତ ଋଣଦାତା ଅଟେ, ଏବଂ ସୁରକ୍ଷା ସୁଧ (ଏନଫୋର୍ସମେଣ୍ଟ) ନିୟମ ୨୦୦୨ ର ନିୟମ ୨ ସହିତ ପଢାଯାଉଥିବା ଉକ୍ତ ଆଇନର ଧାରା ୧୩ (୨) ଅନୁଯାୟୀ ଦିଆଯାଇଥିବା କ୍ଷମତା ଦ୍ୱାରା ନିମ୍ନରେ ଉଲ୍ଲେଖ କରାଯାଇଥିବା ଋଣଗ୍ରହିତା / ସହ- ଋଣଗ୍ରହିତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇଛି, ପ୍ରକାଶିତ ବିଜ୍ଞପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ଅଧିକ ସୁଧ ସହିତ ନୋଟିସରେ ଉଲ୍ଲେଖ କରାଯାଇଥିବା ପରିମାଣ ପରିଶୋଧ କରିବାକୁ ନୋଟିସରେ ଉଲ୍ଲେଖ ରହିଛି, କିନ୍ତୁ ବିଭିନ୍ନ କାରଣରୁ ସେମାନଙ୍କ ମଧ୍ୟରୁ କେତେକଙ୍କୁ ନୋଟିସ୍ ପ୍ରଦାନ କରାଯାଇପାରୁ ନାହିଁ। ଏହା ସହିତ ନିମ୍ନରେ ବିବରଣୀ ଦିଆଯାଇଥିବା କଥିତ ଋଣଗ୍ରହିତାମାନଙ୍କ ସୂଚନା ପ୍ରୟୋଜନ ଲାଗି, ସମ୍ପୃକ୍ତ ଋଣଗ୍ରହିତାମାନଙ୍କୁ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ସୂଚିତ କରାଯାଉଛି।

କ୍ରମିକ ନଂ	ଋଣଗ୍ରହିତା/ସହ-ଋଣଗ୍ରହିତା/ଏଲଏଏନ୍/ ଶାଖାର ନାମ	ବନ୍ଧକ ସମ୍ପତ୍ତିର ବିବରଣୀ ଯାହା ବାବଦରେ ସୁଧ ସୃଷ୍ଟି ହୋଇଛି	ଏନପିଏ ତାରିଖ	ନୋଟିସ ପଠାଇବା ତାରିଖ ଓ ବକେୟା ପରିମାଣ
୧	ସନ୍ଧ୍ୟାରାଣୀ ପ୍ରଧାନ, ରାଜୀବ ପ୍ରଧାନ /ଏମଏଚଏଲ 00960005677/ ବାଲେଶ୍ୱର	ଆରଓଆର ଖାତା ନମ୍ବର-୮୦୫/୨୭୦ ଓ ପ୍ଲଟ ନମ୍ବର ୫୬୩/୩୨୯୧, ମୌଜା-ସାହାସପୁର, ତହସିଲ-ବାହାନଗା, ଥାନା-ଖଣ୍ଡାପଡା, ପି.ଏସ-୯୦, ଶିବ ମନ୍ଦିର ନିକଟ, ପୋଷ୍ଟ-ସାହାସପୁର, ବାଲେଶ୍ୱର, ଓଡିଶା, ପିନ-୭୫୬୦୪୬	୧୫-୦୭-୨୦୨୪	୧୭-୦୭-୨୦୨୪ ଏବଂ ୨,୮୩,୪୬୮/- ଟଙ୍କା

ବିଜ୍ଞପ୍ତି, ତେଣୁ ସେଥିପାଇଁ ଋଣଗ୍ରହିତା / ସହ-ଋଣଗ୍ରହିତାଙ୍କୁ ପ୍ରଦାନ କରାଯାଇଛି, ଯେପରି ଏଠାରେ ଉପରୋକ୍ତ ଭାବରେ ଦର୍ଶାଯାଇଛି, ତେଣୁ ଏଠାରେ ପ୍ରକାଶିତ ଉପରୋକ୍ତ ମୋଟ ବକେୟା ପରିମାଣ ପ୍ରଦାନ ପାଇଁ କୁହାଯାଉଛି, ଏହା ପ୍ରକାଶିତ ହେବାର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଋଣଗ୍ରହିତା / ସହ-ଋଣଗ୍ରହିତାଙ୍କ ଉପରେ ଉପରୋକ୍ତ ବକେୟା ରାଶି ପ୍ରଦାନ କରିବାକୁ ସେମାନଙ୍କୁ ଆହ୍ୱାନ କରାଯାଉଛି। ଯଦି ଋଣଗ୍ରହିତା ଓ ସହ-ଋଣଗ୍ରହୀତା ଅଧିକ ସୁଧ ସହିତ ସମୁଦାୟ ବକେୟା ରାଶି ପ୍ରଦାନ କରିବାରେ ବିଫଳ ହୁଅନ୍ତି, MAHOFIN ଉପରୋକ୍ତ ବର୍ଣ୍ଣନା ଅନୁଯାୟୀ ସମ୍ପତ୍ତି ଉପରେ ସୁରକ୍ଷା ସୁଧ କାର୍ଯ୍ୟକାରୀ କରିବା ପାଇଁ ୧୩ (୪) ଧାରା ଅନୁଯାୟୀ ପଦକ୍ଷେପ ନେବାକୁ ବାଧ୍ୟ ହେବ, ଅନ୍ୟ ପ୍ରକାରେ ନୋଟିସ ଜାରି ପାଇଁ ନିମ୍ନଲିଖିତ ପ୍ରସ୍ତାବିତ ନିୟମ ଓ ଆଇନ ଅନୁଯାୟୀ ପଦକ୍ଷେପ ମଧ୍ୟ ନିଆଯାଇଛି। ଆପଣଙ୍କୁ ଜଣାଇ ଦିଆଯାଉଛି ଯେ ଉକ୍ତ ବନ୍ଧକ ସମ୍ପତ୍ତିର ସମ୍ପୂର୍ଣ୍ଣ ବକେୟା ରାଶି, MAHOFIN ଦ୍ୱାରା ମୂଲ୍ୟ, ଦେୟ ଏବଂ ଖର୍ଚ୍ଚ ସହିତ ଯେକୌଣସି ସମୟରେ ସାର୍ବଜନୀନ ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ପୈଠ କଲେ ସାଧାରଣ ନିଲାମ କିମ୍ବା ବିକ୍ରୟ ପାଇଁ ବ୍ୟକ୍ତିଗତ ଚୁକ୍ତିନାମାରୁ ମୁକ୍ତ ହୋଇପାରିବ, SARFAESI ଆକ୍ଟର ଧାରା ୧୩(୮) ଅନୁଯାୟୀ।

ଧ୍ୟାନ ଦିଅନ୍ତୁ ଯେ SARFAESI ଆକ୍ଟର ଧାରା- ୧୩ (୧୩) ଅନୁଯାୟୀ, ଆପଣ ଉକ୍ତ ସମ୍ପତ୍ତିକୁ ହସ୍ତାନ୍ତର ଏବଂ/କିମ୍ବା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ପ୍ରକାରେ କାରବାର କରିବାରେ ବାରଣ କରାଯାଉଛି।

ତାରିଖ : ୩୧/୭/ ୨୦୨୪
ସ୍ଥାନ : ଓଡ଼ିଶା

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ମନପୁରମ ହୋମ୍ ଫାଇନାନ୍ସ ଲିମିଟେଡ୍